# ସଂସ୍କୃତବ୍ୟାକରଣପ୍ରକାଶଃ

## ଦଶମଶ୍ରେଣୀନିମିତ୍ତମ୍

ପ୍ରକାଶିକା

**ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା**

**ସଂସ୍କୃତବ୍ୟାକରଣପ୍ରକାଶଃ**
ଦଶମଶ୍ରେଣୀ ନିମିତ୍ତମ୍

ମାଧ୍ୟମିକଶିକ୍ଷାପରିଷଦ୍‌ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

(ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା)

ପ୍ରଥମ ପ୍ରକାଶନ - ୨୦୧୨

**ଲେଖକମଣ୍ଡଳୀ :**

ସମୀକ୍ଷକ : **ପ୍ରଫେସର ଗୋପାଳକୃଷ୍ଣ ଦାଶ**

ଲେଖକ ଓ ସଂକଳକ : **ଡକ୍ଟର ନାରାୟଣ ପ୍ରସାଦ ଦାଶ**
**ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ**
**ଡକ୍ଟର ରବୀନ୍ଦ୍ରନାଥ ଆଚାର୍ଯ୍ୟ**
**ଡକ୍ଟର କାଳୀପ୍ରସନ୍ନ ଶତପଥୀ**

ସଂଯୋଜକ : **ଶ୍ରୀ ନୃସିଂହ ଚରଣ ପଣ୍ଡା**

ଅକ୍ଷର ସଂଯୋଜନା : **ବାଣୀ ପ୍ରେସ୍**
**ତୁଳସୀପୁର, କଟକ - ୮**

ମୁଦ୍ରଣ :

ମୂଲ୍ୟ :

# ମୁଖବନ୍ଧ

ଭାରତୀୟ ଭାଷାମାନଙ୍କର ଜନନୀ ବା ମୁଖ୍ୟସ୍ରୋତ ସଂସ୍କୃତଭାଷା ବୈଦିକ ଓ ଲୌକିକ ଶବ୍ଦଭଣ୍ଡାରରେ ପରିପୂର୍ଣ୍ଣ । ଏହା ଆଧୁନିକ ଭାଷାବିଜ୍ଞାନର ସଂଯୋଗ ହେତୁ ହେବା ସହ ଅଧୁନାତନ ବୈଜ୍ଞାନିକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନପାଇଁ ଏକାନ୍ତ ଉପଯୋଗୀ । ସଂସ୍କୃତଭାଷା ଲୌକିକ, ଶାସ୍ତ୍ରୀୟ, ନିତ୍ୟନୂତନ ଓ ବୈଜ୍ଞାନିକଚେତନା, ସର୍ବୋପରି ହୃଦୟଭାବପ୍ରକାଶ ପାଇଁ ସ୍ୱୟଂସଂପୂର୍ଣ୍ଣ । ରାଷ୍ଟ୍ରିୟ ପାଠ୍ୟଚ଼ର୍ଯ୍ୟା ରୂପରେଖା (NCF -2005) ଅନୁସରଣରେ ରାଜ୍ୟ ପାଠ୍ୟଚର୍ଯ୍ୟା ରୂପରେଖା (SCF - 2007) ପରିକଳ୍ପିତ ହୋଇଛି । ଭାରତୀୟ ସଂବିଧାନର ସ୍ୱୀକୃତି ଅନୁଯାୟୀ ସଂସ୍କୃତଭାଷା ଶାସ୍ତ୍ରୀୟ ଓ ଆଧୁନିକ ଭାରତୀୟଭାଷାରୂପେ ଆଦୃତ ।  ମାର୍ଜିତ ଓ ଶୁଦ୍ଧ ଭାବପ୍ରକାଶପାଇଁ ଏହି ଭାଷାର ବହୁଳ ବ୍ୟବହାର ପ୍ରଚଳିତ । ରାଜ୍ୟ ପାଠ୍ୟଚର୍ଯ୍ୟାରେ ସଂସ୍କୃତଭାଷାକୁ ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ତୃତୀୟଭାଷାରୂପେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । କୋମଳମତି ବିଦ୍ୟାର୍ଥୀମାନଙ୍କ ସହଜ ଓ ସୁଗମ ପ୍ରବେଶପାଇଁ ସଂପୃକ୍ତ ପୁସ୍ତକରେ ପ୍ରୟାସ ଅଭିନନ୍ଦନୀୟ । ପୁରାତନ ଘୋଷଣପଦ୍ଧତିକୁ ବର୍ଜନ କରାଯାଇ ସ୍ୱାଭାବିକଭାବେ ଦୈନିନ୍ଦିନ ଜୀବନରେ ପ୍ରୟୋଗପାଇଁ ଉପଯୋଗୀ କରାଯାଇ ବ୍ୟାକରଣକୁ ସରଳ କରାଯାଇପାରିଛି । ଏହି ପୁସ୍ତକର ଅଧ୍ୟୟନଦ୍ୱାରା ବିଦ୍ୟାର୍ଥୀମାନେ ନିଜର ପାରିବାରିକ, ପାରିବେଶିକ କ୍ଷେତ୍ରରେ ସହଜରେ ଅଭ୍ୟାସ କରି ସଂସ୍କୃତଭାଷାରେ ନିଜର ମନୋଭାବ ପ୍ରକାଶ କରିପାରିବେ, ସଂସ୍କୃତରେ ଆଳାପଆଲୋଚନା କରିପାରିବେ, ଗୁରୁମାନଙ୍କ ସାହାଯ୍ୟ ନେଇ କିମ୍ବା ସ୍ୱଉଦ୍ୟମରେ ସଂସ୍କୃତ ବ୍ୟାକରଣକୁ ଅଭ୍ୟାସ କରିବା ସହିତ ପ୍ରୟୋଗ କରିପାରିବେ ।

ଏହି ବ୍ୟାକରଣ ପୁସ୍ତକ ବିଦ୍ୟାର୍ଥୀମାନଙ୍କୁ ସଂସ୍କୃତଭାଷାର ସୌକର୍ଯ୍ୟ, ସୌଷ୍ଠବ ଓ ସାବଲୀଳତାର ପରିଚୟ ପ୍ରଦାନ କରିପାରିବ । କଠିନ ନିୟମାବଳୀକୁ ଅଧ୍ୟୟନ ନ କରି ମଧ୍ୟ ବିଦ୍ୟାର୍ଥୀମାନେ ସଂସ୍କୃତଭାଷାରେ ଅଭିଜ୍ଞତା ଅର୍ଜନ କରିପାରିବେ । "ସଂସ୍କୃତବ୍ୟାକରଣପ୍ରକାଶଃ" ପୁସ୍ତକର ପ୍ରଣୟନ ଓ ପ୍ରକାଶନ କାର୍ଯ୍ୟରେ ସଂପୃକ୍ତ ସମସ୍ତ ବିଦ୍ୱାନ୍ ଲେଖକମଣ୍ଡଳୀ, ସଂଯୋଜକ ଏବଂ ମୁଦ୍ରଣାଳୟ କର୍ତ୍ତୃପକ୍ଷଙ୍କୁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦପକ୍ଷରୁ ହାର୍ଦ୍ଦିକ କୃତଜ୍ଞତା ଓ ସାଧୁବାଦ ଅର୍ପଣ କରୁଛି ।

**ସଭାପତି**

ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା

# ଆଚାର୍ଯ୍ୟାନ୍ ପ୍ରତି

ସହୃଦୟ ଶିକ୍ଷକବନ୍ଧୁଗଣ !

"ସଂସ୍କୃତବ୍ୟାକରଣପ୍ରକାଶଃ" ପୁସ୍ତକର ଅଧ୍ୟୟନ ଓ ଅନୁଶୀଳନ ଦ୍ୱାରା ସଂସ୍କୃତଭାଷାରେ ମୌଳିକ ଜ୍ଞାନ ଅର୍ଜନ ସହଜ ହେବ ଏବଂ ପରବର୍ତ୍ତୀ ସମୟରେ ସଂସ୍କୃତଶାସ୍ତ୍ରଗବେଷଣା ପ୍ରତି ରୁଚି ବଢ଼ିବ। ପୁସ୍ତକରେ ବିଭିନ୍ନ ବିଷୟକୁ ସର୍ବଭାରତୀୟ ଶୈଳୀରେ ସ୍ୱତନ୍ତ୍ର ଅଭ୍ୟାସମୂଳକ ଭାବରେ ଛାତ୍ରୋପଯୋଗୀ କରିବା ପାଇଁ ଚେଷ୍ଟା କରାଯାଇଛି। ଆବଶ୍ୟକ ସ୍ଥଳେ ପ୍ରାଚୀନ ଏବଂ ନବୀନ ଉଦାହରଣ ସନ୍ନିବେଶିତ ହୋଇଛି। ଛାତ୍ରମାନଙ୍କର ମନସ୍ତତ୍ତ୍ୱକୁ ବିଚାରପୂର୍ବକ ଶିକ୍ଷକବନ୍ଧୁମାନେ ଏହି ପୁସ୍ତକରେ ପ୍ରଦତ୍ତ ବିଷୟକୁ ସଙ୍କୁଚିତ ବା ପ୍ରସାରିତ କରି ପ୍ରଚଳିତ ପାଠ୍ୟକ୍ରମ (ସିଲାବସ୍) ଆଧାରରେ ଶିକ୍ଷାଦାନ କରିବାକୁ ଅନୁରୋଧ। ଏହା ସହିତ ସ୍ଥଳବିଶେଷରେ ନବମ ଶ୍ରେଣୀ ପାଠ୍ୟପୁସ୍ତକରୁ ମଧ୍ୟ ଅଭ୍ୟାସ କରାଇବେ।

*ଲେଖନେ ମୁଦ୍ରଣେ ଚାପି ସ୍ଖଳନଂ ବା ପ୍ରମାଦତଃ।*
*କୃପୟା ସ୍ୱବିଚାରେଣ ମାର୍ଜୟନ୍ତୁ ସୁହୃଦ୍‌ବରାଃ।*

**ବିନୀତ ସମ୍ପାଦକମଣ୍ଡଳୀ**

# ଅନୁକ୍ରମଣିକା


| କ୍ରମାଙ୍କ | ବିଷୟ | ପୃଷ୍ଠାଙ୍କ |
|---|---|---|
| ୧ । | ସ୍ତ୍ରୀପ୍ରତ୍ୟୟ | ୧ |
| ୨ । | ସମାସ | ୧୦ |
| ୩ । | ତଦ୍ଧିତ ପ୍ରକରଣ | ୪୮ |
| ୪ । | କୃଦନ୍ତ ପ୍ରକରଣ | ୫୫ |
| ୫ । | ଣିଜନ୍ତ | ୭୪ |
| ୬ । | ସନନ୍ତ | ୮୨ |
| ୭ । | ଯଙନ୍ତ ଧାତୁ ପ୍ରକରଣ | ୯୦ |
| ୮ । | ନାମଧାତୁ ପ୍ରକରଣ | ୯୧ |
| ୯ । | ପରସ୍ମୈପଦ ବିଧାନ | ୯୪ |
| ୧୦ । | ଆତ୍ମନେପଦ ବିଧାନ | ୯୪ |
| ୧୧ । | ବାଚ୍ୟପ୍ରକରଣ | ୯୮ |
| ୧୨ । | ଅନୁବାଦନିୟମାବଳୀ | ୧୧୩ |
| ୧୩ । | ଭ୍ରମସଂଶୋଧନ-ଅଭ୍ୟାସ | ୧୧୯ |
| ୧୪ । | ବ୍ୟାବହାରିକସଂସ୍କୃତଶବ୍ଦାବଳୀ | ୧୨୯ |


-------

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ :
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା :
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ

ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ

ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ଦ୍ୱାରା

ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧(କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ :-**

୧। ସମ୍ବିଧାନକୁ ମାନି ଚଳିବା ଓ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

୨। ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

୩। ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

୪। ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

୫। ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନୀସୂଚକ ବ୍ୟବହାର ପରିତ୍ୟାଗ କରିବା;

୬। ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

୭। ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

୮। ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

୯। ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

୧୦। ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

୧୧। ମାତା ବା ପିତା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇଦେବା ।